




**ଇତି ସାମନ୍ତ**
iti.kadambiniodia@gmail.com

କ୍ରିଂ... କ୍ରିଂ... କ୍ରିଂ...
କ୍ରିଂ... କ୍ରିଂ... କ୍ରିଂ...
"ନନ୍ଦିନୀ... ନନ୍ଦିନୀ... ନନ୍ଦିନୀ... ଆଲୋ ଝିଅ
କବାଟ ଖୋଲ।"

କଲିଂବେଲ୍ ଟିପିଟିପି ପୁଣି କବାଟ ଠକ୍‌ଠକ୍ କରି ଝିଅକୁ ଡାକି ଚାଲିଥିଲେ ବସୁଧା।

କବାଟ ଖୋଲିଲା ନନ୍ଦିନୀ। ଆଖି ମଳିମଳି ବସିପଡ଼ିଲା ଡ୍ରଇଂରୁମ୍‌ର ସୋଫା ଉପରେ।

"ଆଲୋ ଝିଅ ! ଶୋଇ ପଡ଼ିଥିଲୁ ନା' କ'ଣ ?"

"ହଁ !"

"ଏଡ଼େ ବେଗୀ ଶୋଇ ପଡ଼ିଲୁଣି କ'ଣ ? ତୁ ପରା କହୁଥିଲୁ ତୋର କୁଆଡ଼େ ଯିବାର ଥିଲା ? ଇଲା ଆସିଥାନ୍ତା ! ଦି'ଜଣ ସାଙ୍ଗ ହେଇ କୁଆଡ଼େ ଯାଇଥାନ୍ତ ? କେତେବେଳେ ଗଲ, ପୁଣି କେତେବେଳେ ଫେରିଲ ?" ନନ୍ଦିନୀ ପାଖରେ ବସିପଡ଼ି ପଚାରିଲେ ବସୁଧା।

"ମୁଁ କୁଆଡ଼େ ଯାଇନି !" ଛୋଟ ଉତ୍ତର ନନ୍ଦିନୀର।

"କାହିଁ ? ଇଲା ଆସିଲାନି କି ? ତୋ ମୁହଁଟା ଏମିତି ଶୁଖିଲା କାହିଁକି ଦେଖାଯାଉଛି ? ଇଲା ସାଙ୍ଗରେ ଯଦି ନ ଗଲୁ, ମୋ ସାଙ୍ଗରେ ହେଲେ ଯାଇଥାନ୍ତୁ ? ଘରେ କାହିଁ ରହିଲୁ ?"

"ନା' ! ଇଚ୍ଛା ହେଲାନି ମୋର କୁଆଡ଼େ ଯିବାକୁ। ତାକୁ ଫୋନ୍ କରି ମନା କରିଦେଲି। ବହି ଗୋଟେ ଧରି ବସିଥିଲି। କେତେବେଳେ ଆଖି ଲାଗିଯାଇଛି। ତୋର କ'ଣ ଆଜି ଏତେ ଡେରି ? ତମର ବର୍ଷ ଶେଷର ବନ୍ଧୁମିଳନ କେମିତି ହେଲା ?"

"ଭଲ ହେଲା ! ଭାରି ଭଲ ହେଲା ! ଗପସପ ହେଉହେଉ ଡେରି ହେଇଗଲା, କାହାକୁ ଜଣା ପଡ଼ିଲାନି।"

"କ'ଣ ସବୁ ଗପିଲ ? ଖାଇବା କ'ଣ ହେଇଥିଲା ? କଲୋନୀ ସାରା ସମସ୍ତେ ଯାଇଥିବେ ନିଶ୍ଚିତ। ଯାହାହେଉ ତମର ମାସକୁ ଥରେ କଲୋନୀର ଏ ବନ୍ଧୁମିଳନ ଭାରି ଭଲ ହେଉଛି। ଏକାଠି କେତେ ଲୋକ ବସୁଛ, କେତେ ଗପସପ କରୁଛ ? କେତେ ବିଷୟରେ ଜାଣି ପାରୁଛ ?"

"ହଁ ! ଏଇଟା ପୂରା ସତ କଥା ! ଏଭଳି ଏକାଠି ହେବା ଦ୍ୱାରା ଭଲରେ ବିତୁଛି ସମୟ। ଗପସପରେ କେତେ କଥା ଜାଣି ହେଉଛି। ଏଥର ବର୍ଷ ଶେଷର ଏ ବନ୍ଧୁମିଳନ ସବୁଠୁ ଭଲ ଲାଗିଲା ମୋତେ। ତୁ ଯାଇଥିଲେ ଭଲ ହେଇଥାନ୍ତା। ତୋତେ ବି ସମସ୍ତେ ଖୋଜୁଥିଲେ ସେଠି।"

"କାହିଁ ଏଥର କ'ଣ କିଛି ଅଲଗା ହେଲା କି ?"

"ଅଲଗା କିଛି ନୁହେଁ ! ଆଜି ଗୋଟାଏ ଭାରି ଭଲ ଆଲୋଚନା ହେଲା ସେଠି।"

"କୋଉ ବିଷୟରେ ଆଲୋଚନା ଚାଲିଥିଲା କି ?"

"ଭାରି ଭଲ କଥାସବୁ ଆଲୋଚନା ହେଲା। ଆଲୋଚନା କ'ଣ, ସୁପ୍ରିୟା ମାଉସୀ ପ୍ରଥମେ କଥା ଆରମ୍ଭ କଲେ। ତା'ପରେ ତ ଆମକୁ ବୁଝେଇ ଚାଲିଲା ତାଙ୍କ ସହିତ ଆସିଥିବା ତାଙ୍କ ଝିଅ।"

"କିଏ ? ସମୀରା ନାନୀ ? ଦିଲ୍ଲୀରୁ ଆସିଛନ୍ତି ? ଏତେ ବଡ଼ ସମାଜସେବୀ। ବହୁତ ଭଲଭଲ କଥା ଆଲୋଚନା କରିଥିବେ ନିଶ୍ଚିତ ! ମୋତେ ଭାରି ଭଲ ଲାଗେ ତାଙ୍କ କଥା ଶୁଣିବାକୁ।"

"ହଁ ! କେତେ ଭଲଭଲ କଥା ସବୁ କହିଲା ସେ ଆଜି। ସତରେ ବହୁତ କଥା ଜାଣିହେଲା ତା'

କଥାରୁ । କହୁଥିଲା, ଏଇ ୨୦୧୯ ବର୍ଷରେ ଆମ ମହିଳାମାନେ, ଆମ ଝିଅମାନେ କେତେ ବଡ଼ବଡ଼ କାମ ସବୁ କରିଛନ୍ତି । ସେ ପୁଣି ଗୋଟିଏ ଅଧେ କ୍ଷେତ୍ରରେ ନୁହେଁ, ପ୍ରତ୍ୟେକଟି କ୍ଷେତ୍ରରେ ଭଲକାମ କରି ଦେଖାଇଛନ୍ତି ସେମାନେ । ସାହିତ୍ୟ ହେଉ, ଚଳଚ୍ଚିତ୍ର ହେଉ, ବିଜ୍ଞାନ ହେଉ, ସମାଜସେବା ହେଉ, ଅଧ୍ୟାପନା କ୍ଷେତ୍ର ହେଉ, ରାଜନୀତି ହେଉ, ଡାକ୍ତରୀ କ୍ଷେତ୍ର ହେଉ, ଅର୍ଥନୀତି, ସମାଜନୀତିଠାରୁ ଆରମ୍ଭ କରି ଖେଳକୁଦ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନାଁ କମେଇଛନ୍ତି ଆମ ମହିଳାମାନେ ।

ଯଦି ରାଜନୀତି କ୍ଷେତ୍ର ଦେଖିବା, ତେବେ ଏ ବର୍ଷ ଅନେକ ମହିଳା ରାଜନୀତିରେ ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୭୮ ଜଣ ମହିଳା ନିର୍ବାଚନରେ ଜିତି ସାଂସଦ ହୋଇଛନ୍ତି । ୧୭ତମ ଲୋକସଭାରେ ରାମ୍ୟା ହରିଦାସ ହେଉଛନ୍ତି କେରଳରୁ ଏକମାତ୍ର ମହିଳା ସାଂସଦ । ଆମ ଓଡ଼ିଶାର ୨୧ଜଣ ସାଂସଦଙ୍କ ଭିତରୁ ସାତଜଣ ହେଉଛନ୍ତି ମହିଳା । ସେମିତି ଅର୍ଥନୀତି କ୍ଷେତ୍ରରେ ଗୀତା ଗୋପୀନାଥ ହେଉଛନ୍ତି ପ୍ରଥମ ମହିଳା, ଯିଏ ଇଣ୍ଟରନ୍ୟାସ୍‌ନାଲ୍ ମନିଟାରୀ ଫଣ୍ଡ୍‌ର ମୁଖ୍ୟ ଅର୍ଥଶାସ୍ତ୍ରୀ ଭାବରେ ନିଯୁକ୍ତି ପାଇଛନ୍ତି । କେତେ ବଡ଼ କଥା ଇଏ କହିଲୁ ? ସେମିତି ବ୍ୟବସାୟ କ୍ଷେତ୍ର । ଏ କ୍ଷେତ୍ରରେ ମଧ୍ୟ ମହିଳାମାନେ ପଛରେ ରହିଯାଇ ନାହାନ୍ତି । ବେଶ୍ ସଫଳତାର ସହ ବ୍ୟବସାୟ କରି ସେଥିରେ ନାଁ କମେଇଛନ୍ତି ସେମାନେ । କେବଳ କ'ଣ ସେତିକି ? ୪୧ ବର୍ଷୀୟା ବାୟୁସେନା ଅଧିକାରୀ ଅଞ୍ଜଳି ସିଂ ହେଉଛନ୍ତି ପ୍ରଥମ ମହିଳା ଯିଏ 'ମିଲିଟାରୀ ଡିପ୍ଲୋମାଟ୍ ଇନ୍ ଇଣ୍ଡିଆନ୍ ମିସନ୍ ଆବ୍ରୋଡ୍' (Military Diplomat in Indian Mission Abroad)ରେ ନିଯୁକ୍ତି ପାଇଛନ୍ତି । ରାଜସ୍ଥାନର ୧୭ ବର୍ଷର ଝିଅ ପାୟଲ୍ ଜାଙ୍ଗିଦ୍ ବାଲ୍ୟବିବାହ ବିରୁଦ୍ଧରେ ଲଢ଼ି ପ୍ରଥମ ଭାରତୀୟ ଭାବରେ (ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍)ରୁ 'ଗୋଲ୍‌କିପର ଗ୍ଲୋବାଲ୍ ଚେଞ୍ଜମେକର ଆୱାର୍ଡ' ଜିତିଛନ୍ତି । ପରିବେଶ ପ୍ରଦୂଷଣ ଏବେ ଗୋଟିଏ ବଡ଼ ସମସ୍ୟା ହେଇ ଠିଆ ହେଇଛି । ସେହି ଦିଗରେ କାମ କରିଛି ମାତ୍ର ୧୧ ବର୍ଷର ଝିଅଟିଏ ରିଧିମା ପାଣ୍ଡେ । ଯାହାକୁ ରୋକିବାକୁ ବଡ଼ବଡ଼ ଲୋକ, ବଡ଼ବଡ଼ ସଂସ୍ଥା, ଏପରିକି ସରକାର ଚେଷ୍ଟାକରି ମଧ୍ୟ ପାରୁନାହାନ୍ତି, ସେହି ପରିବେଶ ପ୍ରଦୂଷଣକୁ ରୋକିବା ବିଷୟରେ ସମାଧାନର ପନ୍ଥା ବାହାର କରିଛି ଏଇ ଛୋଟିଆ ଝିଅଟି । ସେହିଭଳି ଆରୋହୀ ପଣ୍ଡିତ ପ୍ରଥମ ମହିଳା ପାଇଲଟ୍ ଭାବରେ ବେଶ୍ ନାଁ କମେଇଛନ୍ତି । ସିଏ ହେଉଛନ୍ତି ପ୍ରଥମ ମହିଳା ପାଇଲଟ୍, ଯିଏ ଆଟ୍‌ଲାଣ୍ଟିକ୍ ମହାସାଗରକୁ ଅତିକ୍ରମ କଲେ । ଗଗନଦୀପ୍ କିଙ୍ଗ୍ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା, ଯିଏ ଫେଲୋ ଅଫ୍ ରୟାଲ ସୋସାଇଟି ପାଇଁ ମନୋନୀତ ହୋଇଛନ୍ତି । କେହିକେହି ତାଙ୍କୁ 'ଭାକ୍‌ସିନ୍ ଗଡ୍ ମଦର' ବୋଲି କହୁଛନ୍ତି । ସେମିତି ବିଜ୍ଞାନ କ୍ଷେତ୍ରରେ ଚନ୍ଦ୍ରିମା ସାହା ହେଉଛନ୍ତି ପ୍ରଥମ ମହିଳା, ଯିଏ ରାଷ୍ଟ୍ରୀୟ ବିଜ୍ଞାନ ଅକାଦେମୀର ସଭାପତି ହେବାକୁ ଯାଉଛନ୍ତି । ସାହିତ୍ୟ କ୍ଷେତ୍ରରେ ମଧ୍ୟ କମ୍ ନାଁ କମାଇ ନାହାନ୍ତି ଆମ ମହିଳାମାନେ । ଠିକ୍ ସେମିତି କ୍ରୀଡ଼ା କ୍ଷେତ୍ର । କ୍ରିକେଟ୍‌ରୁ ଆରମ୍ଭ କରି ହକି, କୁସ୍ତି, ଦୌଡ଼କୁଦ ଆଦି ଯେତେଯେତେ ଖେଳ ଅଛି, ଏମିତି କେଉଁ ଖେଳ ନାହିଁ ଯେଉଁଥିରେ ଝିଅମାନେ ଭଲ ଖେଳି ନାଁ ନ କମେଇଛନ୍ତି । ଆଉ ଚଳଚ୍ଚିତ୍ର ! ଏ କ୍ଷେତ୍ରରେ ମଧ୍ୟ କିଛି କମ୍ ନାଁ କମେଇ ନାହାନ୍ତି ଆମ ନାରୀମାନେ । ଏଥିରୁ ସ୍ପଷ୍ଟ ବୁଝି ହେଉଛି, ସୃଜନଶୀଳତାରୁ ଆରମ୍ଭ କରି ରାଜନୀତି, ଅର୍ଥନୀତି, ସମାଜନୀତି, ଖେଳକୁଦ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଦୃଢ଼ ଭାବରେ କାମକରି ଦେଶ, ଜାତି ତଥା ରାଜ୍ୟର ଟେକ ରଖିଛନ୍ତି ସେମାନେ । ସାରା ବିଶ୍ୱରେ ନାଁ କମେଇ ସାବାସିର ପାତ୍ର ହେଇଛନ୍ତି । ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିବା ସହିତ ନିଜର ସ୍ଥିତି ସୁଦୃଢ଼ କରିଛନ୍ତି । ଆମ ଓଡ଼ିଶାର ଦୌଡ଼ରାଣୀ ଦୂତି ଚାନ୍ଦ କେତେ ନାଁ କମେଇଛନ୍ତି କହିଲୁ ? ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ଯିଏ 'ୱାର୍ଲ୍ଡ ୟୁନିଭର୍ସିଟି ଗେମ୍'ରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏସିଆନ୍ ଆଥଲେଟିକ୍ସ ଚମ୍ପିଆନ୍‌ସିପ୍‌ରେ ୧୦୦ ମିଟର୍ ୨୦୦ ମିଟର୍ ଦୌଡ଼ରେ ଦୁଇ ଦୁଇଟା ସ୍ୱର୍ଣ୍ଣପଦକ ଜିତିଛନ୍ତି । ସିଏ ଆହୁରି କେତେ କ'ଣ କରି ନାଁ କମେଇଛନ୍ତି , ସେସବୁ କହି ବସିଲେ ଫର୍ଦ୍ଦ ଏମିତି ଲମ୍ବି ଚାଲିବ । ବର୍ତ୍ତମାନ ସେ ଆମ ଦେଶର ଦ୍ରୁତତମ ଧାବିକା । ଦେଶର, ରାଜ୍ୟର ତଥା ସମଗ୍ର ମହିଳା ଜାତିର ଗର୍ବ ଆଉ ଗୌରବ ହେଉଛନ୍ତି ଦୂତି ଚାନ୍ଦ । ସେମିତି ଆମ ଓଡ଼ିଆ ଝିଅ ଚନ୍ଦ୍ରାଣୀ ମୁର୍ମୁ । ମାତ୍ର ୨୫ ବର୍ଷ ବୟସରେ ଲୋକସଭାରେ ସାଂସଦ ହୋଇଛନ୍ତି ସେ । ଆମ ଦେଶର ସମସ୍ତ ସାଂସଦଙ୍କ ମଧ୍ୟରେ ବୟସରେ ସେ ସବୁଠାରୁ ସାନ । ଆଉ ଆମ ଓଡ଼ିଶାର ମହିଳା ପ୍ରମିଳା ବିଶୋଇ ୭୧ ବର୍ଷରେ ନିର୍ବାଚନ ଲଢ଼ି ଜୟଯୁକ୍ତ ହୋଇ ସାଂସଦ ହୋଇଛନ୍ତି ।

ଏମିତି ଏମିତି କେଉଁ କ୍ଷେତ୍ର ନାହିଁ, ଯେଉଁଥିରେ ଆମ ଦେଶର ନାରୀମାନେ ସଫଳତାର ଛାପ ଛାଡ଼ିନାହାନ୍ତି । ଆମ ଝିଅମାନଙ୍କର ସଫଳତା ବିଷୟରେ କହି ଚାଲିଲେ ସମୟ ଗଡ଼ି ଚାଲିଥିବ, କିନ୍ତୁ ସରୁ ନ ଥିବ କଥା ! ଲେଖି ଚାଲିଲେ କାଗଜ କାଳି ସରିଯିବ ପଛେ, ସରିବନି କିନ୍ତୁ ସେମାନଙ୍କ ସଫଳତାର କାହାଣୀ ଲେଖା ! ପୁଣି ଆଉ ଗୋଟିଏ କଥା । ଆମେ ଦୂରରେ ଥାଇ ଦେଖୁଛୁ ସେମାନେ ଏତେ ବଡ଼ବଡ଼ କାମ କରିଛନ୍ତି ବୋଲି । କିନ୍ତୁ ଟିକିଏ ତଳେଇ ଦେଖିଲେ ଜଣେ ଜାଣିପାରିବ, ଏଇସବୁ ଜାଗାରେ ପହଞ୍ଚିବାକୁ କେତେ କଷ୍ଟ କରିବାକୁ ପଡ଼ିଥିବ ସେମାନଙ୍କୁ । ଏସବୁ ଏତେ ସହଜ କଥା ନୁହେଁ । ନିର୍ଭୟ ହେଇ ଦୃଢ଼ତାର ସହ କାମ କରିଥିବେ ବୋଲି ସିନା ଏତେ ବଡ଼ବଡ଼ କାମ କରିପାରିଛନ୍ତି ସେମାନେ ! ସମୀରା ପାଖରୁ ଏସବୁ ଶୁଣିବା ପରଠାରୁ ମୁଁ ଖାଲି ଭାବୁଛି ବର୍ତ୍ତମାନ ସମୟରେ ଆମ ଝିଅମାନେ କ'ଣ ନ କରିପାରୁଛନ୍ତି ! ତାଙ୍କ ପାଖରେ ଆଉ ଅସମ୍ଭବ ବୋଲି କିଛି ନାହିଁ । ଯିଏ ଯାହା କହୁ ପଛେ, ଏକଥା ସମସ୍ତେ ମାନିବାକୁ ବାଧ୍ୟ ହେବେ ଯେ, ଯେତେବେଳେ ନାରୀମାନେ ଦୃଢ଼ ମନୋବଳ ନେଇ କିଛି କରିବାକୁ ବାହାରିବେ ସେତେବେଳେ ଶିକ୍ଷା, ବୟସ ସହିତ ତାଙ୍କ ଯାତ୍ରାପଥରେ ବାଧାବନ୍ଧନ ସୃଷ୍ଟି କରୁଥିବା ସବୁକିଛି ହାର୍ ମାନିବେ । ଏକୁ ହିଁ ତ କହିବା ମହିଳା ସଶକ୍ତିକରଣ !"

"ତୁ ଯାହାସବୁ କହିଲୁ, ସବୁକଥା ଠିକ୍ । ଝିଅମାନେ ଘରୁ ବାହାରକୁ ବାହାରିଲେ, ଦୃଢ଼ତାର ସହ ସବୁ କାମ କଲେ, ନିଜର ନାଁ କମେଇଲେ, ନିଜ ବିଷୟରେ ନିଜେ ଚିନ୍ତାକଲେ, ନିଜ ପାଇଁ କୋଉଟା ଠିକ୍, କୋଉଟା ଭୁଲ ସେ କଥା ଜାଣିଲେ, କ'ଣ କରିବେ ନ କରିବେ ଭାବିଚିନ୍ତି ସ୍ଥିର କଲେ, ପୁରୁଷଙ୍କ ସହିତ ପାଦକୁ ପାଦ ମିଶାଇ ଚାଲିଲେ, ହାତକୁ ହାତ ମିଶାଇ କାମ କଲେ; ତା' ସହିତ ଏକ ସ୍ୱତନ୍ତ୍ର ପରିଚୟରେ ପରିଚିତ ହେଲେ ସେମାନେ । ସମୟ ଯେତିକି ଆଗକୁ ଆଗେଇ ଚାଲିଛି, ଆମ ନାରୀମାନେ ସେତିକି ଆଗକୁ ଆଗେଇ ଚାଲିଛନ୍ତି । ଏଥିରେ କୌଣସି କିନ୍ତୁ ନାହିଁ । ସବୁ ହେଲା ଯେ, ମାତ୍ର ଆଉ ଗୋଟିଏ ଦିଗକୁ ଦେଖିଲେ ଭାରି ଦୁଃଖ ଲାଗୁଛି । ଏଇତ ଏବେ ଟି.ଭିରେ ଦେଖଉଥିଲା । ବିରକ୍ତ ହେଇ ଟି.ଭି ବନ୍ଦ କରି  ଶୋଇପଡ଼ିଲି ଯାଇ । କୁଆଡ଼େ ଯିବାକୁ ଇଚ୍ଛା ହେଲାନାହିଁ ମୋର । ଖାଲି ଆଜି କ'ଣ ? ସବୁଦିନ ଟି.ଭିରେ ଏ ଖବର । ଖବରକାଗଜରେ ମଧ୍ୟ ଏ ଖବର । କି ଅବସ୍ଥା ହେଉଛନ୍ତି ଝିଅମାନେ ? ମନେପଡୁଛି ମୋର । ଆର ବର୍ଷ ଜାନୁଆରୀ ମାସରେ ଆମେ ବସି ବି ଏଇ କଥାକୁ ନେଇ ଦୁଃଖ ପ୍ରକାଶ କରୁଥିଲେ । ନିର୍ଭୟାର ମା' କହିଥିବା କେତେକ କଥାକୁ ନେଇ ଆଲୋଚନା କରୁଥିଲେ । ଆର ବର୍ଷ ଜାନୁଆରୀ ଯାଇ ପୁଣି ଆଉ ଗୋଟିଏ ବର୍ଷର ଜାନୁଆରୀ ମାସ ଆସିଗଲାଣି । କିନ୍ତୁ କାହିଁ ? ହେଇଛି କିଛି ?  କମିଛି ଝିଅଙ୍କ ଉପରେ ଦୁଷ୍କର୍ମ ? ବର୍ଷସାରା କେତେକେତେ ଦୁର୍ଘଟଣା ଘଟିଚାଲିଛି ସେମାନଙ୍କ ଉପରେ ? ମୂର୍ଖ, ପାଷଣ୍ଡମାନେ କ'ଣ ନ ଘଟାଉଛନ୍ତି ସେମାନଙ୍କ ସହିତ ? ସମୟର ପରିବର୍ତ୍ତନ ! ତା' ସହିତ ଝିଅଙ୍କ ସ୍ଥିତିରେ ପରିବର୍ତ୍ତନ ! କିନ୍ତୁ କାହିଁ ପରିବର୍ତ୍ତନ ଏ ଅବସ୍ଥାର ? ସେମାନଙ୍କ ପାଇଁ ପୁଣି ସ୍ୱତନ୍ତ୍ର ଶବ୍ଦ ବ୍ୟବହାର କରାଯାଉଛି, କେତେବେଳେ ନିର୍ଭୟା ତ ପୁଣି କେତେବେଳେ ପୀଡ଼ିତା । ଦିନକୁ ଦିନ ବଢ଼ିବଢ଼ି ଚାଲିଛି ପୀଡ଼ିତା ଆଉ ନିର୍ଭୟାମାନଙ୍କର ସଂଖ୍ୟା । ଯେମିତି ନାରୀମାନଙ୍କର ଉନ୍ନତିର ପ୍ରଶସ୍ତି, ସେମିତି ସେମାନଙ୍କ ଉପରେ ଅତ୍ୟାଚାରର ବ୍ୟାପ୍ତି । ବୟସର କିଛି ସୀମା ସରହଦ ନାହିଁ ଦୁର୍ବୃତ୍ତମାନଙ୍କ ପାଖରେ । ଦିନକୁ ଦିନ ସମୟ ଏମିତି ହେଇହେଇ

ଯାଉଛି ଯେ, ଝିଅଟିଏ ଘରୁ କୁଆଡ଼େ ବାହାରିଲେ ଆଉଥରେ ଠିକ୍‌ରେ ଯେ ଘରକୁ ଫେରିଆସି ପାରିବ ସେ କଥା କିଏ କହିପାରିବ? ବାହାର ତ ବାହାର, ଘରେ ମଧ୍ୟ କୋଉ ସୁରକ୍ଷିତ ସେମାନେ? ନିଜର ସମ୍ପର୍କୀୟମାନେ ମଧ୍ୟ ରାକ୍ଷସ ସାଜୁଛନ୍ତି ତାଙ୍କ ପାଇଁ! ବଦଳି ଯାଉଛି ବିଶ୍ୱାସ ଆଉ ସମ୍ପର୍କର ପରିଭାଷା। ଅଚିହ୍ନା, ଅଜଣାଙ୍କଠୁ ଚିହ୍ନା ସମ୍ପର୍କୀୟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପାଶବିକ ଆଚରଣର ଶିକାର ସାଜୁଛନ୍ତି ଆଜିର ନାରୀ।"

"ତା' ତ ସତକଥା!" ଗମ୍ଭୀର କଣ୍ଠରେ କହିଲେ ବସୁଧା।

"ଦିନକୁ ଦିନ ଏ କଥା ବଢ଼ିବଢ଼ି ଚାଲିଛି। ଆଗରୁ ଝିଅମାନେ ଦୁଷ୍କର୍ମର ଶିକାର ହେଲେ, ଭାଙ୍ଗି ପଡୁଥିଲେ ଦୁଃଖରେ, ମାନସିକ ବେଦନାରେ। କିନ୍ତୁ ଏବେ ଦୁଃଖ ସବୁକୁ ନିଜ ଭିତରେ ଚାପିରଖି, ନିଜର ପ୍ରଚଣ୍ଡ ମାନସିକ ବେଦନାକୁ ପଛକୁ ପକାଇ, ଛାତିରେ ପଥର ଚାପି ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କଲାବେଳେ, ଦୋଷୀକୁ ଦଣ୍ଡିତ କରିବା ପାଇଁ ଦୃଢ଼ତାର ସହ ଲଢ଼ିବାକୁ ଆରମ୍ଭ କଲାବେଳେ, ପିଶାଚମାନେ ଆଉ ଦୁଇପାଦ ଆଗେଇ ଯାଇ ସେକଥା ମଧ୍ୟ କରେଇ ଦେଉ ନାହାନ୍ତି। ଦୁଷ୍କର୍ମ କରି ପ୍ରମାଣ ନଷ୍ଟ କରିବା ପାଇଁ ପୋଡ଼ିଜାଳି ମାରି ଦେଉଛନ୍ତି ସେମାନଙ୍କୁ। ଏ ବର୍ବରତାର ସୀମା ନାହିଁ। ଏ ବର୍ବରତାର ଗଭୀରତା ଯେ କେତେ ତଳକୁ ତା'ର କଳନା ବି କରିହେବ ନାହିଁ।"

"ହଁ ଝିଅ! ଚରମ ବର୍ବରତା ଇଏ। ମନେପଡ଼ିଲେ ଦେହ ଥରି ଉଠୁଛି। ମୁଣ୍ଡ ଖରାପ ହେଇଯାଉଛି।" ଧୀରେ କହିଲେ ବସୁଧା।

"କେତେ ନୂଆନୂଆ ନିୟମ କାନୁନ୍ ତିଆରି ହେଇ ଚାଲିଛି। ଲାଗୁ ବି ହେଉଛି। କେତେ ପ୍ରକାରର ଦଣ୍ଡବିଧାନ ହେଇ ଶେଷକୁ ଫାଶୀ ଯାଏ କଥା ଗଲାଣି। ପିଶାଚମାନେ ଏଭଳି ଦୁଷ୍କର୍ମ କରି ଯେ ରକ୍ଷା ପାଉଛନ୍ତି ତା' ନୁହେଁ, ଜେଲ୍ ଯାଉଛନ୍ତି, ଦଣ୍ଡ ପାଉଛନ୍ତି, ମରୁଛନ୍ତି। ତଥାପି ଏଭଳି କାଣ୍ଡ କରିବାକୁ ପଛଉ ନାହାନ୍ତି? ଧରା ପଡୁଛନ୍ତି ଏମାନେ! ଏମାନଙ୍କ ପ୍ରତି କଠୋର ଦଣ୍ଡବିଧାନ ହେଉଛି। ଖବରକାଗଜ, ଟେଲିଭିଜନରେ ଏମାନଙ୍କର ଖବର ବାହାରୁଛି, କିନ୍ତୁ ଏସବୁ ଜାଣି ସୁଦ୍ଧା ଦୁର୍ବୃତ୍ତମାନେ ଅପରାଧ ଘଟାଇବାରୁ କ୍ଷାନ୍ତ ହେଉ ନାହାନ୍ତି। ଗୋଟିଏ ପଟେ ଦଣ୍ଡବିଧାନର ଶିରୋନାମା ବାହାରିଲା ବେଳକୁ ଆରପଟରେ ଅପରାଧର ଶିରୋନାମା ବାହାରୁଛି। କ'ଣ କହିବ ଏ ସବୁ ଦେଖିଲେ?"

"ଆଲୋ ଝିଅ, ସେମାନେ କ'ଣ ମଣିଷରେ ଗଣା ହେବେ ଯେ ନିୟମ କାନୁନ୍, ଦଣ୍ଡବିଧାନ ବିଷୟରେ ଭାବିବେ? ସେମାନେ ପଶୁ, ନର ପିଶାଚ। ସେମାନଙ୍କ ଭିତରେ ରାକ୍ଷସ ପ୍ରବୃତ୍ତି ଲୁଚି ବସିଥାଏ ଯାହା ଏଭଳି କୁକର୍ମ କରିବା ପାଇଁ ପ୍ରବର୍ତ୍ତେଇଥାଏ। ପଶୁ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ କାଣ୍ଡଜ୍ଞାନ ଶୂନ୍ୟ ହୋଇ ପଡ଼ିଥାନ୍ତି ସେମାନେ। ସେମାନେ କ'ଣ ସାମାଜିକ ପ୍ରାଣୀରେ ଗଣା ହେବେ ଯେ ତାଙ୍କ ପାଇଁ ନୀତିନିୟମ!"

"ଏମାନଙ୍କୁ ଦଣ୍ଡବିଧାନ କଲେ ପୁଣି ଆସୁଛି ମାନବାଧିକାରର ପ୍ରଶ୍ନ! ସତରେ କ'ଣ ଏମାନଙ୍କ ପାଖରେ ମାନବୀୟ ଗୁଣ ଅଛି, ଯେଉଁଥିପାଇଁ ଏମାନଙ୍କୁ ମାନବାଧିକାର ପରିସରଭୁକ୍ତ କରାଯିବ? କେଉଁଟି ଭୁଲ୍, କେଉଁଟି ଠିକ୍ ଏ ବିଷୟରେ ଚିନ୍ତା କଲେ ମୁଣ୍ଡ ଗୋଳମାଳ ହେଇଯାଏ। ସିଏ ଯାହା ବି ହେଉ, ଭୋଗିବାକୁ ପଡୁଛି ତ ଝିଅମାନଙ୍କୁ। ଯେତେ ନିୟମ କାନୁନ୍ ହେଲେ ମଧ୍ୟ କେଉଁଥିରେ ରକ୍ଷା ପାଉଛନ୍ତି ସେମାନେ? କେତେ କ'ଣ ବଦଳୁଛି, କିନ୍ତୁ ବଦଳୁନି ମାନସିକତା! କିଛି ପରିବର୍ତ୍ତନ ନାହିଁ। ଦିନକୁ ଦିନ ବଢ଼ିବଢ଼ି ଚାଲିଛି ଏହି ପାଶବିକତା। ବଢ଼ିବଢ଼ି ଚାଲିଛି କହିଲେ ହେବ ନାହିଁ, ବରଂ କ୍ୟାନ୍ସର୍ ଭଳି ମାଡ଼ି ଚାଲିଛି ଏହି ସାମାଜିକ ବ୍ୟାଧି!"

"ଖାଲି କ'ଣ ନିୟମ କାନୁନ୍ ହୋଇଗଲେ ହେଇଯିବ? ଏଭଳି ପୈଶାଚିକ ପ୍ରବୃତ୍ତି, ଇଏ ଯେଉଁ ପଶୁ ଭାବ ସେଥିରେ ଖାଲି ନିୟମ କାନୁନ୍ ତିଆରି କରିଦେଲେ ହେବ କ'ଣ? ଆମକୁ ପ୍ରଥମେ ଖୋଜି ବାହାର କରିବାକୁ ପଡ଼ିବ ଏହାର ମୂଳ କେଉଁଠି? କିନ୍ତୁ କିଏ ଗଭୀର ଭାବରେ ଚିନ୍ତା କରୁଛି ଏ ବିଷୟରେ? କିଏ ତଳେଇ ଦେଖୁଛି ନା' ଖୋଜୁଛି ଏହାର ମୂଳ କାରଣ ସବୁକୁ? ଏଭଳି ପରିସ୍ଥିତି ରହିଲେ କେମିତି କାମ କରିବେ ଝିଅମାନେ? ସବୁଠୁ ଦୁଃଖର କଥା, ସମାଜର ପ୍ରତ୍ୟେକଟି ଲୋକ କାହିଁକି ଭାବୁନାହାନ୍ତି ଏ ବିଷୟରେ? କାହିଁକି ସମସ୍ତେ ତତ୍ପର ହେଉ ନାହାନ୍ତି ଏ ସମସ୍ୟାର ମୂଳୋତ୍ପାଟନ କରିବା ପାଇଁ? ସମାଜରେ ସବୁ ଲୋକ ତ ଏମିତି ନୁହନ୍ତି? ଅଳ୍ପ କେତେଜଣ ହାତଗଣତି ଲୋକଙ୍କ ପାଇଁ ପୂରା ସମାଜ ଆଜି କଳୁଷିତ ପ୍ରାୟ! ସରକାରଙ୍କଠୁ ଆରମ୍ଭ କରି ସମାଜର ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଭାବିବା ଆବଶ୍ୟକ କିଭଳି ସୁଧୁରିବ ଏ ଅବସ୍ଥା! ନହେଲେ ଏ ଅବସ୍ଥା ଏମିତି ଲାଗି ରହିଥିବ। ଆଉ ଝିଅମାନେ ଦୁଷ୍କର୍ମର ଶିକାର ହେଇଚାଲିଥିବେ!

ଖୋଜିବାକୁ ପଡ଼ିବ ତନ୍ନତନ୍ନ କରି ସମାଜର ପ୍ରତ୍ୟେକଟି ସ୍ତରକୁ। ନଜର ରଖିବାକୁ ପଡ଼ିବ ମନୋରଞ୍ଜନର ମାଧ୍ୟମ ସବୁ ଉପରେ; ଟି.ଭି., ସିନେମା, ନାଟକ, ଯାତ୍ରା, ତାମସା, ବିଜ୍ଞାପନ ଆଦି ସବୁର ଉପରେ ନଜର ରଖିବାକୁ ପଡ଼ିବ। ଏଥିପାଇଁ ବଦଳିବାକୁ ପଡ଼ିବ ସାରା ସମାଜକୁ, ପ୍ରତ୍ୟେକ ମଣିଷଙ୍କୁ, ସେମାନଙ୍କର ମାନସିକତା, ନାରୀ ପ୍ରତି ସେମାନଙ୍କର ଦୃଷ୍ଟିକୋଣ। ବଦଳିବାକୁ ପଡ଼ିବ ଆମ ସମାଜର ଟି.ଭି, ସିନେମା, ସାହିତ୍ୟ, ନାଟକ, ଯାତ୍ରା, ତାମସା, ବିଜ୍ଞାପନ ଆଦି ସବୁ ମନୋରଞ୍ଜନ ମାଧ୍ୟମର କାର୍ଯ୍ୟ ପ୍ରଣାଳୀକୁ।

ଯଦି ଆମେ ବର୍ତ୍ତମାନର ଯାତ୍ରା ଉପରେ ନଜର ପହଁରେଇବା ଦୁଃଖ ହିଁ ଲାଗିବ। ଯାତ୍ରାରେ ଯେଉଁ ରେପ୍, ମର୍ଡର୍ ଦୃଶ୍ୟର ଅଭିନୟ? ଦୁଇଟା ତିନିଟା ପେଣ୍ଡାଲ୍। ସେଥିରେ ଖଳନାୟକ ଗୋଡ଼େଇଥିବ ନାୟିକାକୁ ଧରିବାକୁ। ଆଉ ନାୟିକା ଦଉଡୁଥିବ ଏ ପେଣ୍ଡାଲରୁ ସେ ପେଣ୍ଡାଲ୍। ଆଉ ତାକୁ ଯେତେବେଳେ ଧରିବାରେ ସକ୍ଷମ ହୋଇଯିବ ଖଳନାୟକ! ଓଃ କି ଦୃଶ୍ୟ! ପିଲାଠାରୁ ବୁଢ଼ାଯାଏ ସମସ୍ତେ ବସି ଦେଖୁଥିବେ। ଅଧିକାଂଶ ଥିବେ ମଦ ପିଇ ଉନ୍ମତ୍ତ। କିଏ ନିଶାରେ ଭାରସାମ୍ୟ ହରାଇ ଯାତ୍ରାପେଣ୍ଡାଲ ଉପରକୁ ଚଢ଼ି ଯାଉଥିବ ତ ଆଉ କିଏ ତଳେ ବସି ଯେଉଁଭଳି ଆଚରଣ କରୁଥିବ ଆଖିରେ ଦେଖି ହେବନି ସେସବୁ। ତା'ର ପ୍ରଭାବ କ'ଣ ପଡ଼ିବନି ସମାଜ ଉପରେ? ଖାଲି କ'ଣ ଯାତ୍ରା? ଏଇମିତି କହି ବସିଲେ କେତେ କ'ଣ ବାହାରିବ? ଯଦିଓ ଏଭଳି ଉତ୍ତେଜକ ଦୃଶ୍ୟ ପ୍ରଭାବ ପକାଏନି ସମସ୍ତଙ୍କ ଉପରେ, କିନ୍ତୁ କିଛି ପାଷଣ୍ଡ ଅଛନ୍ତି ଯେଉଁମାନଙ୍କ ଉପରେ ଏଭଳି ଉତ୍ତେଜକ ଦୃଶ୍ୟ ଖୁବ୍ କୁପ୍ରଭାବ ପକାଏ। ତା'ପରେ ପଶୁ ପାଲଟିଯାନ୍ତି ସେମାନେ। ଏକ୍‌ରେ ତ ସେମାନେ ଯୌନ ବିକାରଗ୍ରସ୍ତ, ଦ୍ୱିତୀୟରେ ନିଶାସକ୍ତ, ତୃତୀୟରେ ସଙ୍ଗଦୋଷ। ମଦ ସହିତ ଅନ୍ୟାନ୍ୟ ଯାବତୀୟ ନିଶାଦ୍ରବ୍ୟର ପ୍ରଭାବରେ ସେମାନେ ପ୍ରଭାବିତ। ତା'ପରେ ପିଶାଚମାନେ ନୃଶଂସତାର ସୀମା ଟପିଯାନ୍ତି। ଗୋଟିକ ଲାଗି ପୁରିକ ନାଶ ହୋଇଯାଏ। ଏହିଭଳି ଅବସ୍ଥା ଲାଗି ରହିଲେ କ'ଣ ହେବ ଆଉ?

"ତା'ବୋଲି କ'ଣ ଘରେ ବସିଯିବେ ଝିଅମାନେ?"

"ଏଇଭଳି ସ୍ଥିତି ରହିଲେ ଆଉ କିଛି ବର୍ଷ ପରେ ସେ କଥା ନ ହେବ ବୋଲି କିଏ କହିବ? ନହେଲେ କ'ଣ ହେବ ଝିଅମାନଙ୍କର? କୁଆଡ଼େ ଯିବେ ସେମାନେ? କେଉଁଠି କ'ଣ କରିବେ? କିଭଳି ଚଳପ୍ରଚଳ କରିବେ ସମାଜରେ?"

"ନା'! ନା'! ଏଭଳି କଥା ଆଦୌ ମନକୁ ଆଣେନା। ଡରିକି ଘରେ ବସିଗଲେ କ'ଣ ଚଳିବ? ଧୈର୍ଯ୍ୟ ଆଉ ସାହସ ଏ ଦୁଇଟିକୁ ଆଦୌ ଛାଡ଼ିବା କଥା ନୁହେଁ। ଝିଅଙ୍କର ଯୋଉ ପାଦ ଥରେ ଆଗକୁ ବାହାରିଛି, ସେ ପାଦ କେବଳ ଆଗକୁ ଆଗକୁ ହିଁ ଯିବ। ପଛକୁ ଫେରିବାର ପ୍ରଶ୍ନ ଉଠୁନି, ପରିସ୍ଥିତି ଯାହା ବି ହେଉ ପଛେ। ସମସ୍ୟା ଅଛି ମାନେ ସମାଧାନର ବାଟ ଅଛି। କେବଳ ଆମକୁ ସମସ୍ୟାର ଗମ୍ଭୀରତା ବିଷୟରେ ବୁଝି ଏହାକୁ କିଭଳି ମୂଳୋତ୍ପାଟନ କରାଯାଇ ଝିଅମାନଙ୍କ ରାସ୍ତା ପରିଷ୍କାର କରାଯାଇ ପାରିବ ସେ ବିଷୟରେ ଗଭୀର ଭାବରେ ଭାବିବାର ଅଛି ଏବଂ ସେ ଦିଗରେ କାମ କରିବାର ଅଛି।"